| | |
|---|---|
| NEWSPAPER | The Samaja |
| DATE: | 11th March, 2018 (Sunday) |
| EDN./PAGE: | All edn./Page-11 |


# ଏଏସ୍‌ବିଏମ୍‌ରେ 'ମହିଳା ଉଦ୍‌ଯୋଗ କର୍ମଶାଳା'



ଭୁବନେଶ୍ୱର, ୧୦।୩: ଅନ୍ତର୍ଜାତୀୟ ମହିଳା ଦିବସର ଅବସରରେ ଏସିଆନ୍ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ(ଏଏସ୍‌ବିଏମ୍)ଠାରେ 'ମହିଳା ଉଦ୍‌ଯୋଗ କର୍ମଶାଳା-୨୦୧୮' ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ମୋନିକା ନାୟାର୍ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ କହିଲେ, ଜଣେ ମହିଳା ଉଦ୍ୟୋଗୀ କ୍ଷେତ୍ରରେ ନିଜର ବ୍ୟକ୍ତିଗତ ଜୀବନ ଓ ପେସାଦାର ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଏହି ଅବସରରେ ଲିସାସ୍ ଆଇଏଏସ୍‌ର ମୁଖ୍ୟା ଡ. ଲିନୁ ଚୟାନି କହିଥିଲେ ଯେ, ପ୍ରତ୍ୟେକ ନିଷ୍ପତ୍ତି ପାଇଁ ଆମକୁ ଏହାର ମୂଲ୍ୟ ଦେବାକୁ ପଡ଼ିଥାଏ । ପ୍ରାରମ୍ଭିକ କମ୍ପାନୀ ଗୁଡ଼ିକ ଏହାର ଉଦ୍ୟୋଗୀଙ୍କର ଅଧିକ ଧ୍ୟାନ ଆବଶ୍ୟକ କରିଥାନ୍ତି । ଅନ୍ୟତମ ମୁଖ୍ୟ ଅତିଥି ଭାବେ ମିଟୁଫସ୍ ମ୍ୟୁଜିକ୍ ଓ ହେଲଥ୍ କ୍ଲବ୍‌ର ସୁସ୍ମିତା ଦାଶ କହିଥିଲେ ଯେ, ବର୍ତ୍ତମାନର ସମୟରେ ମହିଳାମାନେ ପୂର୍ବାପେକ୍ଷା ଅଧିକ ସଶକ୍ତ ଏବଂ ଉଦ୍ୟୋଗୀ ଭାବରେ ନିଜର ସ୍ୱପ୍ନକୁ ଚରିତାର୍ଥ କରିବା ଦିଗରେ ଅଧିକ ସ୍ୱାଧୀନ ଅଟନ୍ତି । ଏଥିରେ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ଗୋଷ୍ଠୀ ନିର୍ଦ୍ଦେଶକ ପ୍ରଫେସର ଡ଼ ବିଶ୍ୱଜିତ୍ ପଟ୍ଟନାୟକ , ଜିଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ନିରାକାର ମିଶ୍ର ଏବଂ ଡ଼ିଡ଼ି ବାୟୋ-ସଲ୍ୟୁସନ୍ ଟେକ୍ନୋଲୋଜିର ସିଇଓ ଦେବଶ୍ରୀ ପାଢ଼ୀ ଯୋଗଦେଇଥିଲେ ।